## DIRECTORATE OF AGRICULTURE AND FOOD PRODUCTION, ODISHA, BHUBANESWAR

Letter No. 2M (25) 16 /2019 - 27369 /Agril. Dated 09-10-2019

**To**

The Deputy Directors of Agriculture/Project Directors (ATMA) - All

**Sub:** Implementation of "Mukhya Mantri Abhinav Krushi Jantrapati Samman" (MMAKJS), 2019-20.

**Sir**,

As you are aware, a new initiative namely "Mukhyamantri Abhinav Krushi Jantrapati Samman" was launched in the state last year with an objective to recognise and reward farmers' innovations for Agriculture implements. The awareness campaign for the 2nd edition of this programme is scheduled to be held from 1st October to 31st January, 2020. The innovative farmers who have conceived the ideas of making such useful innovations can also participate in this programme submitting their concept with drawing.

You are, therefore, requested to inform about the programme to all the field functionaries under your control for wide circulation among the farmers. Applications from farmers, agricultural labourers and artisans in the prescribed application forms for participating in the above programme should be collected in drop boxes placed in the block level FIAC buildings up to **31st January, 2020**. The detailed operational manual, sample application form and the matter for leaflets to be distributed are enclosed herewith for the needful. Further you are requested to facilitate the following immediately at each block level FIAC building under your jurisdiction for the above programme.

1. A drop box of size 1' 6" (L) x 1' 6" (B) x 2' 0" (H) preferably of G.I. sheet - 1 No. per FIAC
2. Leaflets of size 22 cm x 28 cm of the enclosed matter @ 1000 Nos. per block for distribution among the farmers to create awareness about the programme.
3. Flex of size 5' (W) x 8' (H) with M.S. square pipe frame of the enclosed matter - 1 No. each for FIAC, DAO office and DDA office. This may be displayed in a conspicuous place in the office premises. The text matter for this is being communicated shortly.

The expenditure incurred towards the above may be met from ATMA contingency @ Rs. 5000/- (Rupees five thousand) per FIAC.

Yours faithfully,

**Encl**: As above

Director, Agriculture &
Food Production, Odisha

Memo No. 27370 /Agril. Dated 09-10-2019

Copy submitted to the Principal Secretary to Govt., Agriculture & Farmers' Empowerment Department, Odisha, Bhubaneswar for favour of kind information.

Director, Agriculture &
Food Production, Odisha

Memo No. 27371 /Agril. Dated 09-10-2019

Copy forwarded to the Superintending Engineer (Agril.), C/Z, Bhubaneswar/ S/Z, Berhampur/ N/Z, IADP, Sambalpur/ Executive Engineers (Agril.)- (All) for information and necessary action.

Director, Agriculture &
Food Production, Odisha

Memo No. 27372 /Agril. Dated 09-10-2019

Copy forwarded to the Deputy Director General and State Informatics Officer, NIC, Odisha State Centre, Bhubaneswar for information and necessary action. She is requested to upload the same in the AGRISNET Portal.

Director, Agriculture &
Food Production, Odisha

Memo No. 27373 /Agril. Dated 09-10-2019

Copy forwarded to the Director, IMAGE, Siripur, Bhubaneswar for information and necessary action.

Director, Agriculture &
Food Production, Odisha

# "କୃଷି ଉପକରଣ ଉପରେ କୃଷକମାନଙ୍କର ଅଭିନବ କାର୍ଯ୍ୟ"

# ଯୋଜନାର ମାର୍ଗଦର୍ଶିକା

*****

କୃଷି ଓ କୃଷକ ସଶକ୍ତିକରଣ ବିଭାଗ-ଓଡିଶା ସରକାର ଓ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନ- ଭାରତ ସରକାର, କୃଷକମାନଙ୍କ କାର୍ଯ୍ୟକୁ ସହଜ ଓ ମହିଳା କୃଷି ଶ୍ରମିକଙ୍କ କଠିନ ଶ୍ରମକୁ ଲାଘବ କରିବା ପାଇଁ କୃଷି କ୍ଷେତ୍ରରେ ବ୍ୟବହୃତ ହସ୍ତଚାଳିତ/ବଳଦ ଟଣା ଓ ଯାନ୍ତ୍ରିକ ଶକ୍ତିରେ ଚାଲୁଥିବା ଉପକରଣ ଓ ଯନ୍ତ୍ରପାତିର ଅଭିନବୀକରଣ ବା ପରିକଳ୍ପନା କରୁଥିବା କୃଷକ, କୃଷି କାରିଗର ଏବଂ କୃଷି ଶ୍ରମିକମାନଙ୍କ ପାଇଁ ଏକ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛନ୍ତି।

କୃଷି ନିର୍ଦ୍ଦେଶାଳୟ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଭଳି ୩ଟି ନିର୍ଦ୍ଦେଶାଳୟକୁ ନେଇ ଓଡିଶା ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଗଠିତ ହୋଇଛି। ଏହି ବିଭାଗ ଅନ୍ତର୍ଗତ ଓଡିଶା କୃଷି ଯନ୍ତ୍ରପାତି ଗବେଷଣା ଓ ଉନ୍ନୟନ କେନ୍ଦ୍ର (OFMRDC) ଏବଂ ରାଜ୍ୟସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଶିକ୍ଷଣ ଓ ପରୀକ୍ଷଣ କେନ୍ଦ୍ର (SLMTTC) ମଧ୍ୟ ରହିଛି। ଏହି ଅନୁଷ୍ଠାନ ଗୁଡିକ କୃଷି କ୍ଷେତ୍ରରେ କୃଷକ ମାନଙ୍କୁ ସାହାଯ୍ୟ କରିବା ସହିତ କୃଷି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ଅଛନ୍ତି ।

**କୃଷକ ମାନଙ୍କ ଠାରୁ ନବସୃଜନ/ଅଭିନବ ଯନ୍ତ୍ରପାତି ଚିହ୍ନଟର ମାଧ୍ୟମ**

- ମୁଦ୍ରଣ ଏବଂ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ବିଜ୍ଞାପନ
- ରେଡ଼ିଓରେ ବାର୍ତ୍ତା
- ପତ୍ରିକା ବିତରଣ ଓ ପ୍ରଦର୍ଶନ ବୋର୍ଡ
- ଜିଲ୍ଲା ସ୍ତରୀୟ କର୍ମଶାଳା ତଥା କୃଷି ଓ କୃଷକ ସଶକ୍ତି କରଣ ବିଭାଗର ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ପ୍ରଚାର ଓ ପ୍ରସାର

**କେଉଁମାନେ ଆବେଦନ କରିପାରିବେ**

କୃଷି କ୍ଷେତ୍ରରେ ନିଯୋଜିତ ସମସ୍ତ କୃଷକ, କୃଷି ଶ୍ରମିକ ଓ କୃଷି କାରୀଗରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ ।

**ଚୟନ ପ୍ରକ୍ରିୟା**

- କାର୍ଯ୍ୟ କ୍ଷେତ୍ରକୁ ଯାଇ ସୃଜନାତ୍ମକ ବ୍ୟକ୍ତି ମାନଙ୍କ ପାଖରେ ନୂତନ ସୃଜନକୁ ଚିହ୍ନଟ କରିବା
- ବିଚାରକ ମଣ୍ଡଳୀଙ୍କ ସମ୍ମୁଖରେ ଅଭିନବ (ନୂତନ) ସୃଜନ/ ଅଭିନବ ପରିକଳ୍ପନା ଗୁଡିକର ପ୍ରଦର୍ଶନ

ଅଭିନବ କୃଷି ଉପକରଣଗୁଡିକ / କୃଷିକ୍ଷେତ୍ର ତଥା ଅମଳ ପରେ ବ୍ୟବହାର ଯୋଗ୍ୟ ହେଉଥିବା କିମ୍ବା ସ୍ୱଳ୍ପ ଖର୍ଚ୍ଚ ଓ ପରିବେଶ ଅନୁକୂଳ ଜ୍ଞାନ କୌଶଳ ସମ୍ପନ୍ନ ହୋଇଥିବ ।

ଏହି ନବପ୍ରବର୍ତ୍ତନମାନ କୌଣସି ବାହ୍ୟ ସହାୟତା/ତତ୍ତ୍ୱାବଧାନବିନା ଏବଂ ନିଜସ୍ୱ ସୃଜନଶୀଳତାରୁ ସୃଷ୍ଟି ହୋଇଥିବ ।

ଏହି ଅଭିଯାନ ୧ ଅକ୍ଟୋବର, ୨୦୧୯ ରୁ ୩୧ ଜାନୁୟାରୀ, ୨୦୨୦ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଅଭିଯାନ ମାଧ୍ୟମରେ ପ୍ରାପ୍ତ ଆବେଦନ ଗୁଡିକୁ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନ (NIF), ଭାରତର ଦ୍ୱି-ବାର୍ଷିକ ପ୍ରତିଯୋଗୀତାରେ ମଧ୍ୟ ସାମିଲ କରାଯିବ। ଯୋଗ୍ୟ ପ୍ରବେଶିକା ଗୁଡିକର ଉନ୍ନୟନ ଓ ସତ୍ତ୍ୱାଧିକାର (Patent) ଫାଇଲ କରିବା ପାଇଁ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନ (NIF) ଚେଷ୍ଟା କରିବ ।

ଭାରତ ସରକାରଙ୍କର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସହାୟତାରେ ୨୦୦୦ମସିହା ମାର୍ଚ୍ଚ ମାସରେ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନ – ଭାରତର ସ୍ଥାପନା କରାଗଲା । ତୃଣମୂଳ ସ୍ତରୀୟ ନବସୃଜନ ଓ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ ଜ୍ଞାନକୁ ସଶକ୍ତ କରିବା ପାଇଁ ଏହା ଭାରତର ଏକ ଜାତୀୟ ଅଭିଯାନ ଅଟେ । ତୃଣମୂଳ ସ୍ତରୀୟ ନବସୃଜନମାନଙ୍କ ପାଇଁ ଅନୁଷ୍ଠାନିକ ସ୍ଥାନ ଓ ନୀତିକୁ ପ୍ରସାରିତ କରି ଭାରତକୁ ଏକ ନବସୃଜନଶୀଳ ଓ ସୃଜନାତ୍ମକ ସମାଜ ଭାବରେ ଗଢି ତୋଳିବା ହେଉଛି ଏହାର ପ୍ରମୁଖ ଉଦ୍ଦେଶ୍ୟ ।

## ମୂଲ୍ୟାଙ୍କନ ମାନାଙ୍କ

ନିମ୍ନ ଲିଖିତ ମାନାଙ୍କ ଗୁଡିକୁ ଅଭିନବ ଜ୍ଞାନ କୌଶଳର ମୂଲ୍ୟାଙ୍କନ କରିବାବେଳେ ଧ୍ୟାନରେ ରଖାଯିବ ।

- ନବୀନତା
- ମୌଳିକତା
- ବ୍ୟବହାରିକତା/ସମ୍ଭାବ୍ୟତା
- ସାମାଜିକ ପ୍ରୟୋଗ
- କ୍ରମବର୍ଦ୍ଧୀ ପରିବର୍ତ୍ତନ
- ମୂଲ୍ୟ ପ୍ରଭାବଶୀଳତା
- ବ୍ୟବହାରକାରୀ ଙ୍କ ଆନୁକୁଲ୍ୟରେ
- ଉପଲବ୍ଧ ପ୍ରଯୁକ୍ତି ବିଦ୍ୟାଉପରେ ପ୍ରତିସ୍ପର୍ଧାତ୍ମକ ଲାଭ

**୧. ନବୀନତା: ନୂତନ, ଅଲଗା ବା ଗୁରୁତ୍ୱପୂର୍ଣ୍ଣ ହୋଇଥିବ**

ଏପରି ଏକ ନୂଆ ଯନ୍ତ୍ର/ସାଧନ/ଉପକରଣ/ମେସିନ ଏବଂ ଉପାୟ ହେବା ଅବଶ୍ୟକ ଯାହାକି କୌଣସି ଅସୁବିଧାକୁ ସୁଧାରୁଥିବ କିମ୍ବା ବର୍ତ୍ତମାନରେ ଥିବା ପ୍ରଯୁକ୍ତିରେ କୌଣସି ଅଲଗା ଏବଂ ସହଜ ସୁଧାର ଆଣୁଥିବ ।

**୨. ମୌଳିକତା: ସ୍ୱାଧୀନ ଭାବରେ ଚିନ୍ତା କରିବା**

ଏହା ହେଉଛି ନୂଆ ବିଚାର, ପ୍ରଯୁକ୍ତି କିମ୍ବା ନବପ୍ରବର୍ତ୍ତନ ଆବିଷ୍କାର କରିଥିବା କୌଣସି ବ୍ୟକ୍ତି ବା ସମୂହର ଏକ ଉପଲବ୍ଧି। ଏଗୁଡିକ ତିଆରି କରାଯିବାର କାରଣ ହେଉଛି ସେଇସବୁ ଅସୁବିଧାକୁ ଦୂରକରିବା ଯାହାର ସୁଧାର ଆଜିପର୍ଯ୍ୟନ୍ତ କେହି ଚିନ୍ତା କରିନାହାନ୍ତି।

**୩. ବ୍ୟବହାରିକତା/ସମ୍ଭାବ୍ୟତା: ସେହି ସଂଭାବନା ଯାହାକୁ ତିଆରି କରିବା ବା ଉପଲବ୍ଧ କରିବା ଉଚିତ**

ପ୍ରସ୍ତାବିତ ବିଚାର ବା ନବପ୍ରବର୍ତ୍ତନ, ସହଜ କୌଶଳ, ମହଜୁଦ ଥିବା ବୈଜ୍ଞାନିକ ସିଦ୍ଧାନ୍ତ/ନିୟମ ଉପରେ ପରିବେଷ୍ଟିତ କି ନା, ଏହାର ପ୍ରଚଳନ ଓ ଏହା ଆଇନ ଅନୁସାରେ ବ୍ୟବହାର ଯୋଗ୍ୟ କି ନା ପରୀକ୍ଷା ହେବା ଆବଶ୍ୟକ।

**୪. ସାମାଜିକ ପ୍ରୟୋଗ: ବହୁଳ ଭାବରେ ସମାଜରେ ବ୍ୟବହୃତ ପ୍ରଯୁକ୍ତି**

ପ୍ରଯୁକ୍ତି ବା ନବପ୍ରବର୍ତ୍ତନ ଯାହାକି ସମାଜର ସମସ୍ତ ପ୍ରକାର ଲୋକମାନଙ୍କ ପାଇଁ ଲାଭଦାୟକ ହେଉଥିବ ଏବଂ ସେମାନଙ୍କ କାର୍ଯ୍ୟକାରିତା ବା ଜୀବନ ଶୈଳୀ ଉପରେ ସକରାତ୍ମକ ପ୍ରଭାବ ପକାଉଥିବ।

**୫. କ୍ରମବର୍ଦ୍ଧୀ ପରିବର୍ତ୍ତନ: ଏକ ନବପ୍ରବର୍ତ୍ତନରେ ଛୋଟ ଛୋଟ କ୍ରମିକ ଉପଯୋଗୀ ପରିବର୍ତ୍ତନ କରିବା ପ୍ରକ୍ରିୟାର ଆରମ୍ଭ**

ସାଧାରଣତଃ ପରିବର୍ତ୍ତନ ନୂଆ ଯାନ୍ତ୍ରିକ କୌଶଳକୁ ଆରମ୍ଭ କରିବା, ଦକ୍ଷତା ବଢାଇବା, ଉତ୍ପାଦନ ବୃଦ୍ଧି, ନବପ୍ରବର୍ତ୍ତନକୁ ବହୁ କାର୍ଯ୍ୟକ୍ଷମ ବା ଏହାକୁ କମ ଶ୍ରମଯୁକ୍ତ କରାଇବାରେ କରାଯାଇଥାଏ। ଏହା ସାଧାରଣ ଭାବରେ ନବପ୍ରବର୍ତ୍ତକଙ୍କର ତାଙ୍କ ପ୍ରଯୁକ୍ତି ପ୍ରତି ଥିବା ଦୃଷ୍ଟିକୋଣ ଏବଂ ଉପଭୋକ୍ତାଙ୍କର ମୂଲ୍ୟାଙ୍କନ ଉପରେ ନିର୍ଭର କରେ।

**୬. ମୂଲ୍ୟ ପ୍ରଭାବଶୀଳତା: ଉପଲବ୍ଧ ସମାଧାନ ଠାରୁ ଅଧିକ ଲାଭଦାୟକ**

ଏହା ହେଉଛି ଖର୍ଚ୍ଚ ହୋଇଥିବା ଟଙ୍କା ବଦଳରେ ତିଆରି ହୋଇଥିବା ନବପ୍ରବର୍ତ୍ତନର ପ୍ରଭାବ ଓ ଏଥିରୁ ମିଳୁଥିବା ଲାଭର ପରିମାପ। ଏହା ଦୁର୍ବଳ ବର୍ଗର ଲୋକ ମାନଙ୍କ ପାଇଁ ଏକ ବଡ ଭୂମିକା ନିର୍ବାହ କରେ। ବର୍ତ୍ତମାନରେ ବଜାରରେ ମିଳୁଥିବା ମେସିନ ଗୁଡିକର ମୂଲ୍ୟଠାରୁ ଏହି ପ୍ରଯୁକ୍ତି ବା ନବପ୍ରବର୍ତ୍ତନ କମ ମୂଲ୍ୟର କି ନୁହେଁ, ଏହି ପରିମାପ ଗୁଡିକ ଦ୍ୱାରା ଦେଖାଯାଏ।

**୭. ଉପଭୋକ୍ତାଙ୍କ ଆନୁକୁଲ୍ୟରେ: ବ୍ୟବହାର କରିବାକୁ ସହଜ**

ଯାନ୍ତ୍ରିକ କୌଶଳ ବା ନବସୃଜନ ଯାହାକି ଉପଭୋକ୍ତାଙ୍କ ଇଚ୍ଛାରେ ଏବଂ ତାଙ୍କର ଯୋଗ୍ୟତା ଅନୁସାରେ ତାଙ୍କ ଦ୍ୱାରା ସହଜରେ ସଫଳତା ପୂର୍ବକ ବ୍ୟବହାର କରିବାପାଇଁ ଅନୁକୂଳ ହୋଇଥିବ।

ଏହି ମୂଲ୍ୟାଙ୍କନ ପରିମାପ ସମୟରେ ଧ୍ୟାନ ରଖିବା ଆବଶ୍ୟକ ଯେ

ଅ) ଯନ୍ତ୍ରପାତିକୁ ସଞ୍ଚାଳିତ କରିବା ପାଇଁ କୌଶଳର ଆବଶ୍ୟକତା ରହିଛି କି?

ଆ) ଶାରୀରିକ ବିକଳାଙ୍ଗ ଲୋକମାନେ ଏବଂ ମହିଳାମାନେ ଏହି ଯନ୍ତ୍ରପାତିକୁ ସଞ୍ଚାଳିତ କରିପାରିବେ କି?